# NATIONAL NEWS BULLETIN (ODIA)

**23 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସମୟର ଆବଶ୍ୟକତା ଅନୁଯାୟୀ ଉଦ୍ୟୋଗ ଏବଂ ଲୋକତନ୍ତ୍ର ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଜରୁରୀ, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

– ଆମେରିକାର ବୋଷ୍ଟନ ଏବଂ ଲସ୍‌ଆଞ୍ଜେଲ୍‌ସରେ ୨ଟି ନୂଆ ଭାରତୀୟ ବାଣିଜ୍ୟିକ ଦୂତାବାସ ଖୋଲିବା ନେଇ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ।

- ସୁପ୍ରିମକୋର୍ଟ କହିଛନ୍ତି ବ୍ୟକ୍ତିଗତ ଭାବରେ ଶିଶୁମାନଙ୍କ ସହ ଜଡ଼ିତ ଅଶ୍ଳୀଳ ଭିଡ଼ିଓ ଦେଖିବା ପକ୍ସୋ ଆଇନର ଉଲ୍ଲଂଘନ ।
- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ନିମନ୍ତେ ରାଞ୍ଚିରେ ପହଞ୍ଚିଲେ ନିର୍ବାଚନ ଆୟୋଗ ଟିମ୍ ।
- ଶ୍ରୀଲଙ୍କାର ନୂତନ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଶପଥ ନେଲେ ଅନୁରା କୁମାରା ଦିଶାନାୟକେ

ଏବଂ

- ବାଂଲାଦେଶରେ ଡେଙ୍ଗୁ ସ୍ଥିତି ଉଦ୍‌ବେଗଜନକ

– ୨୪ ଘଣ୍ଟାରେ ୬ ମୃତ

---

## ପିଏମ୍-ଆମେରିକା ସିଇଓ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ନିଉୟର୍କଠାରେ ଆମେରିକାର ଶୀର୍ଷ କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀମାନଙ୍କ ସହ ଏକ ରାଉଣ୍ଡଟେବୁଲ୍ ବୈଠକ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ସମୟର ଆବଶ୍ୟକତା ଅନୁଯାୟୀ ଉଦ୍ୟୋଗ ଏବଂ ଲୋକତନ୍ତ୍ର ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଜରୁରୀ ହୋଇପଡ଼ିଛି । ମାନବ କଲ୍ୟାଣ ନିମନ୍ତେ ଲୋକତାନ୍ତ୍ରିକ ମୂଲ୍ୟବୋଧ ଏବଂ  ଉଦ୍ୟୋଗ କ୍ଷେତ୍ରର ସମାନ୍ତରାଳ ଗତି ଅତ୍ୟନ୍ତ ଆବଶ୍ୟକ । ଶ୍ରୀ ମୋଦୀ କହିଛନ୍ତି ବୈଷୟିକ ଜ୍ଞାନକୌଶଳ ନଥିଲେ ଲୋକତନ୍ତ୍ରରେ ସଂକଟର ବାତାବରଣ ସୃଷ୍ଟି ହୋଇଥାଏ । ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ହେଉଛି ପ୍ରତିଭା, ଲୋକତନ୍ତ୍ର ଏବଂ ବଜାରର ଏକ ସମ୍ମିଳିତ ସ୍ଥଳ । ଏହି ଆଲୋଚନାକାଳରେ ପ୍ରଧାନମନ୍ତ୍ରୀ ଦ୍ୱିପକ୍ଷୀୟ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି । ସେ କହିଛନ୍ତି ଭାରତ ଉପରେ ବିଭିନ୍ନ କମ୍ପାନୀର ସି.ଇ.ଓ.ମାନେ ଆସ୍ଥା ପ୍ରଦର୍ଶନ କରିଥିବାରୁ ସେ ଆନନ୍ଦ ଅନୁଭବ କରୁଛନ୍ତି । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନିଉୟର୍କରେ ଭାରତୀୟ ବଂଶୋଦ୍ଭବମାନଙ୍କ ଦ୍ୱାରା ଆୟୋଜିତ ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିଥିଲେ ।

## ପିଏମ୍-ବାଣିଜ୍ୟିକ ଦୂତାବାସ

ଆମେରିକାର ବୋଷ୍ଟନ ଏବଂ ଲସ୍ ଆଞ୍ଜେଲ୍ସରେ ୨ଟି ନୂଆ ଭାରତୀୟ ବାଣିଜ୍ୟିକ ଦୂତାବାସ ଖୋଲାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି । ଏହାଛଡ଼ା ହ୍ୟୁଷ୍ଟନ୍ ବିଶ୍ୱବିଦ୍ୟାଳୟରେ ତାମିଲ ଅଧ୍ୟୟନ ନିମନ୍ତେ ତିରୁବଲ୍ଲୁବର ପୀଠ ଖୋଲିବା ନିମନ୍ତେ ମଧ୍ୟ

ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ନିଉୟର୍କରେ ଭାରତୀୟ ବଂଶୋଦଭବମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବିଷୟ ଘୋଷଣା କରିଛନ୍ତି । ବର୍ତ୍ତମାନ ସୁଦ୍ଧା ନିଉୟର୍କ, ଆଟ୍‌ଲାଣ୍ଟା, ସିକାଗୋ, ହ୍ୟୁଷ୍ଟନ୍, ସାନ୍‌ଫ୍ରାନ୍‌ସିସ୍‌କୋ ଏବଂ ସିଏଟଲ୍‌ରେ ଭାରତର ୬ଟି ବାଣିଜ୍ୟିକ ଦୂତାବାସ ରହିଛି ।

---

## ଏସ୍‌ସି-ପକ୍ସୋ

ବ୍ୟକ୍ତିଗତ ଭାବରେ ଶିଶୁମାନଙ୍କ ସହ ଜଡ଼ିତ ଅଶ୍ଳୀଳ ଭିଡ଼ିଓ ଦେଖିବା ପକ୍ସୋ ଆଇନର ଉଲ୍ଲଂଘନ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ଦେଶର ସମସ୍ତ ଅଦାଲତକୁ କୌଣସି ନ୍ୟାୟିକ ଆଦେଶ କିମ୍ବାର ରାୟରେ ଶିଶୁ ପର୍ଣ୍ଣୋଗ୍ରାଫି ଶବ୍ଦ ବ୍ୟବହାର ନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଚନ୍ତି । ମାଡ୍ରାସ୍ ହାଇକୋର୍ଟର ଏକ ନିଷ୍ପତ୍ତିକୁ ସର୍ବୋଚ୍ଚ ନ୍ୟାୟାଳୟ ରଦ୍ଦ କରିବା ସହ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାଡ୍ରାସ୍ ହାଇକୋର୍ଟ ଏକ ନିଷ୍ପତ୍ତିରେ କହିଥିଲେ ଯେ ବୟସ୍କମାନେ ଶିଶୁମାନଙ୍କ ସହ ଜଡ଼ିତ ଅଶ୍ଳୀଳ ଭିଡ଼ିଓ ଦେଖିବା ପ୍ରସଙ୍ଗ ପକ୍ସୋ ଆଇନ ଅନ୍ତର୍ଭୁକ୍ତ ହେବ ନାହିଁ ।

ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଜେ.ବି. ପାର୍ଦ୍ଦିୱାଲା ଦେଶରେ ଥିବା ନ୍ୟାୟାଳୟ ଗୁଡ଼ିକୁ ଚାଇଲ୍‌ଡ ପର୍ଣ୍ଣୋଗ୍ରାଫି ଶବ୍ଦ ବଦଳରେ ଶିଶୁ ଯୌନ ଶୋଷଣ ଏବଂ ଅପବ୍ୟବହାର ସାମଗ୍ରୀ ବ୍ୟବହାର କରିବା ଲାଗି ପରାମର୍ଶ ଦେଇଛନ୍ତି । କୋର୍ଟ କହିଛନ୍ତି ସଂସଦ ଏହି ପ୍ରସଙ୍ଗ ଉପରେ

ଗୁରୁତ୍ୱର ସହ ବିଚାର କରିବା ଆବଶ୍ୟକ ଏବଂ ପକ୍ସୋ ଆଇନରେ ସଂଶୋଧନ ଲାଗି କେନ୍ଦ୍ର ସରକାର ଅଧ୍ୟାଦେଶ ଜାରି କରିପାରିବେ ।

ଚଳିତବର୍ଷ ମାର୍ଚ୍ଚ ମାସରେ ପ୍ରଧାନ ବିଚାରପତି' ମାଡ୍ରାସ୍ ହାଇକୋର୍ଟର ଏକ ନିଷ୍ପତ୍ତିକୁ ବିରୋଧ କରି ରୁଜୁ ହୋଇଥିବା ଆବେଦନର ବିଚାର କରି ଜବାବ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ମାମଲାରେ ଚେନ୍ନାଇର ଜଣେ ୨୮ ବର୍ଷୀୟ ଯୁବକ ଶିଶୁମାନଙ୍କ ଜଡ଼ିତ ଅଶ୍ଳୀଳ ଭିଡ଼ିଓ ଦେଖିବା ମାମଲା ରୁଜୁ ହୋଇଥିଲା ।

---

## ଆୟୁଷ୍ମାନ ଭାରତ

ମହିଳାମାନଙ୍କୁ ୪୫ ପ୍ରତିଶତ ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଇଥିବା ସରକାର ସୂଚନା ଦେଇଛନ୍ତି । ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ୭ କୋଟି ୭୯ ଲକ୍ଷ ମହିଳା ରୋଗୀଙ୍କ ମଧ୍ୟରୁ ୩ କୋଟି ୬୧ ଲକ୍ଷ ମହିଳା ଆୟୁଷ୍ମାନ କାର୍ଡ ବ୍ୟବହାର କରିଥିବା ଜଣାପଡ଼ିଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆୟୁଷ୍ମାନ କାର୍ଡ କ୍ଷେତ୍ରରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର ଏବଂ ମହାରାଷ୍ଟ୍ର ଭଲ ପ୍ରଦର୍ଶନ କରୁଛନ୍ତି । ଏହି କାର୍ଡ ବ୍ୟବହାର କ୍ଷେତ୍ରରେ ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ କେରଳ ଶୀର୍ଷରେ ରହିଥିବା ଜଣାପଡ଼ିଛି ।

---

## ଝାଡ଼ଖଣ୍ଡ-ଇସି

ମୁଖ୍ୟନିର୍ବାଚନ କମିଶନର ରାଜୀବ କୁମାରଙ୍କ ନେତୃତ୍ୱରେ ନିର୍ବାଚନ ଆୟୋଗଙ୍କ ଏକ ଦଳ ରାଞ୍ଚିରେ ପହଞ୍ଚିଛନ୍ତି । ଏହି ଦୁଇଦିନିଆ ଝାଡ଼ଖଣ୍ଡ ଗସ୍ତ ସମୟରେ ନିର୍ବାଚନ ଆୟୋଗ ଦଳ ସେଠାରେ ହେବାକୁ ଥିବା

ଆଗାମୀ ବିଧାନସଭା ନିର୍ବାଚନର ପ୍ରସ୍ତୁତିକାର୍ଯ୍ୟର ସମୀକ୍ଷା କରିବେ । ଏହି ଦଳରେ ନିର୍ବାଚନ ଆୟୋଗର ଅନ୍ୟ ୨ ସଦସ୍ୟ ଜ୍ଞାନେଶ କୁମାର ଏବଂ ସୁଖବୀର ସିଂ ସାନ୍ଧୁ ସାମିଲ ଅଛନ୍ତି । ଏହି ଗସ୍ତକାଳରେ ନିର୍ବାଚନ ଆୟୋଗ ରାଞ୍ଚିଠାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରିବେ । ବିଜେପି, କଂଗ୍ରେସ ଓ ସିପିଆଇଏମ୍ ସମେତ ୬ଟି ଜାତୀୟ ସ୍ତରୀୟ ଦଳ ଏବଂ ଜେଏମଏମ, ଆର୍‌ଜେଡି ଓ ଏଜେଏସ୍‌ୟୁ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନେ ନିର୍ବାଚନ ପ୍ରତିନିଧି ଦଳକୁ ସେମାନଙ୍କର ମତାମତ ଜଣାଇବେ । ବୈଠକ ପରେ ନିର୍ବାଚନ ଆୟୋଗଙ୍କ ଦଳ ଏନଫୋର୍ସମେଣ୍ଟ ଏଜେନ୍ସିମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ଗସ୍ତର ଦ୍ୱିତୀୟ ଦିନରେ ନିର୍ବାଚନ ଆୟୋଗଙ୍କ ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ, ରାଜ୍ୟ ପୋଲିସ୍ ଅଧିକାରୀ ଏବଂ କେନ୍ଦ୍ରୀୟ ସୁରକ୍ଷାବାହିନୀ ସଂଯୋଜକଙ୍କ ସହ ସ୍ଥିତି ସମୀକ୍ଷା କରିବେ ।

ଏହାଛଡ଼ା ନିର୍ବାଚନ ଆୟୋଗଙ୍କ ଦଳ ୨୪ଟି ଜିଲ୍ଲାର ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ପୋଲିସ୍ ଅଧିକ୍ଷକମାନଙ୍କ ସହ ଆଲୋଚନା କରିବେ ।

ସୂଚନାଯୋଗ୍ୟ ଚଳିତବର୍ଷ ଶେଷଆଡ଼କୁ ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ।

---

## ଶ୍ରୀଲଙ୍କା ରାଷ୍ଟ୍ରପତି

ଶ୍ରୀଲଙ୍କାର ନୂତନ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ନ୍ୟାଶନାଲ୍ ପିପୁଲ୍ସ ପାୱାର ପାର୍ଟିର ନେତା ଅନୁରା କୁମାରା ଦିଶାନାୟକେ ଶପଥ ଗ୍ରହଣ କରିଛନ୍ତି । ଆଜି ସକାଳେ ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଛି । ଶ୍ରୀ ଦିଶାନାୟକେ ବିରୋଧୀଦଳ ନେତା ସାଜିଥ ପ୍ରେମଦାସାଙ୍କୁ କମ୍ ସଂଖ୍ୟକ ଭୋଟ୍‌ରେ ପରାସ୍ତ କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ମତଗଣନା ପରେ ଶ୍ରୀ ଦିଶାନାୟକେଙ୍କ ବିଜୟ ସୁନିଶ୍ଚିତ ହୋଇଛି ।

ଶ୍ରୀଲଙ୍କାର ନବମ ରାଷ୍ଟ୍ରପତି ପଦ ନିମନ୍ତେ ଏହି ନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ଗଣତି ଶେଷ ପର୍ଯ୍ୟନ୍ତ କୌଣସି ପ୍ରାର୍ଥୀ ନିର୍ଦ୍ଧାରିତ ୫୦ ପ୍ରତିଶତ ଭୋଟ୍ ପାଇନଥିବାରୁ, ଦ୍ୱିତୀୟ ପର୍ଯ୍ୟାୟ ମତ ଗଣନା କରାଯାଇଥିଲା । ସୂଚନାଯୋଗ୍ୟ  ଭାରତର ପଡ଼ୋଶୀ ପ୍ରଥମେ ନୀତି ଏବଂ ସାଗର ଭିଜନ ଅଭିଯାନରେ ଶ୍ରୀଲଙ୍କାର ସ୍ଥାନ ସ୍ୱତନ୍ତ୍ର ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂତନ ରାଷ୍ଟ୍ରପତି ଅନୁରା ଦିଶା ନାୟକେଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଉଭୟ ଭାରତ ଓ ଶ୍ରୀଲଙ୍କା ବହୁକ୍ଷେତ୍ରୀୟ ସହଯୋଗ ରକ୍ଷାକରି ଆଗାମୀ ଦିନରେ କାର୍ଯ୍ୟ କରିବେ।

# ଜେକେ କ୍ୟାମ୍ପେନ୍

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ଆଜି ସନ୍ଧ୍ୟାରେ ପ୍ରଚାରକାର୍ଯ୍ୟ ଶେଷ ହେବ । ଏହି ପର୍ଯ୍ୟାୟରେ ୫ଟି ଜିଲ୍ଲାର ୨୬ଟି ବିଧାନସଭା ଆସନ ଲାଗି ଆସନ୍ତା ୨୫ ତାରିଖରେ ମତଦାନ ଅନୁଷ୍ଠିତ ହେବ । ଜାମ୍ମୁ ଅଞ୍ଚଳର ରିୟାସୀ, ରାଜୌରୀ ଏବଂ

ପୁଞ୍ଚ୍, କାଶ୍ମୀର ଘାଟୀର ଶ୍ରୀନଗର ଏବଂ ବଡ଼ଗାମ୍ ଜିଲ୍ଲା, ଜାମ୍ମୁ ସମ୍ଭାଗର ରାଜୌରୀ, ପୁଞ୍ଚ୍ ଏବଂ ରିୟାସୀ ଜିଲ୍ଲାର ୧୧ଟି ବିଧାନସଭା ଆସନ ଲାଗି ବୁଧବାର ମତଦାନ ଅନୁଷ୍ଠିତ ହେବ । ୩ଟି ପର୍ଯ୍ୟାୟରେ ଜାମ୍ମୁ କାଶ୍ମୀର ବିଧାନସଭା ଲାଗି ନିର୍ବାଚନ କରାଯାଉଛି । ଅକ୍ଟୋବର ୮ରେ ଭୋଟ୍ ଗଣନା କରାଯିବ ।

ଇତିମଧ୍ୟରେ ରାଜନୈତିକ ଦଳଗୁଡ଼ିକ ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ପାଇଁ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି । ତୃତୀୟ ପର୍ଯ୍ୟାୟ ମତଦାନ ଅକ୍ଟୋବର ୧ରେ ହେବ । ରାଜନୈତିକ ଦଳଗୁଡ଼ିକର ନେତାମାନେ ମତଦାତାମାନଙ୍କୁ ଦଳୀୟ ପ୍ରାର୍ଥୀଙ୍କୁ ଭେଟ୍‌ଦେବା ନେଇ ର୍‍ୟାଲି ଏବଂ ରୋଡ୍‌ଶୋ କରୁଛନ୍ତି ।

---

# ଜେକେ-ରାହୁଲ ର୍‍ୟାଲି

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ତଥା ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଆଜି ପୁଞ୍ଚ୍ ଏବଂ ଶ୍ରୀନଗରରେ ନିର୍ବାଚନୀ ଜନସଭାକୁ ସମ୍ବୋଧନ କରିବେ । ଶ୍ରୀ ଗାନ୍ଧୀ କଂଗ୍ରେସ-ନ୍ୟାଶନାଲ କନ୍‌ଫରେନ୍ସ ମେଣ୍ଟର ପ୍ରାର୍ଥୀ ଏବଂ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଚିବ ଶାହାନୱାଜ ଚୌଧୁରୀଙ୍କ ସମର୍ଥନରେ ସୀମାବର୍ତ୍ତୀ ଜିଲ୍ଲା ପୁଞ୍ଚ୍‌ର ସୁରନକୋଟରେ ପ୍ରଥମ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ପରେ ଜାମ୍ମୁ କାଶ୍ମୀର ପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ତଥା ମେଣ୍ଟର ପ୍ରାର୍ଥୀ ତାରିକ ହମିଦ୍ କରାଙ୍କ ସମର୍ଥନରେ ଜନସଭାରେ ଶ୍ରୀ ଗାନ୍ଧୀ ଯୋଗଦେବେ । ନ୍ୟାଶନାଲ କନ୍‌ଫରେନ୍ସର ଅଧ୍ୟକ୍ଷ ତଥା ଜାମ୍ମୁକାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ଫାରୁକ୍ ଅବଦୁଲ୍ଲା

ଜେନାକୋର୍ଟଠାରେ ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

## ବାଂଲାଦେଶ ଡେଙ୍ଗୁ

ବାଂଲାଦେଶରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ୬ ଜଣ ଡେଙ୍ଗୁ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୯୨୬ ଜଣ ନୂଆ ଆକ୍ରାନ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ସେଠାକାର ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମଶାବାହୀତ ରୋଗରେ ଏପର୍ଯ୍ୟନ୍ତ ୧୩୧ ଜଣଙ୍କର ମୃତ୍ୟୁ ଘଟିଛି । ୨ହଜାର ୮୦୦ରୁ ଅଧିକ ଡେଙ୍ଗୁରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଚଳିତବର୍ଷ ଆରମ୍ଭରୁ ଏପର୍ଯ୍ୟନ୍ତ ବାଂଲାଦେଶରେ ୨୪ ହଜାର ୩୪ ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି । ଗତବର୍ଷ ସେଠାରେ ଡେଙ୍ଗୁରୋଗରେ ୧ ହଜାର ୭୦୫ ଜଣ ପ୍ରାଣ ହରାଇଥିଲେ । ବିଶେଷକରି ଢାକା ଏବଂ ଏହାର ନିକଟବର୍ତ୍ତୀ ସହରାଞ୍ଚଳରେ ବର୍ଷାପରିମାଣ ଅଧିକ ହୋଇଥିବାରୁ ଏବଂ ଗ୍ରୀଷ୍ମପ୍ରବାହ ଅଧିକ ଥିବାରୁ ସେହିସବୁ ଅଞ୍ଚଳରେ ମଶାବାହୀତ ରୋଗର ପ୍ରଭାବ ପଡୁଥିବା ଜଣାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ରାଷ୍ଟ୍ରୀୟ ପୋଷଣ ମାସ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ପୋଷଣ ସମ୍ବନ୍ଧରେ ସଚେତନତା ଏବଂ ସୁସ୍ଥ ଭାରତ ନିର୍ମାଣ ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକ ସଂପର୍କରେ

ହେବାକୁ ଥିବା ଆଲୋଚନାରେ ସଫଦରଜଙ୍ଗ ହସ୍ପିଟାଲର ଡାକ୍ତର ରୁପାଲୀ ମଲିକ ଶ୍ରୋତାମାନଙ୍କ ପ୍ରଶ୍ନର ଉତ୍ତର ଦେବେ । ଏହି କାର୍ଯ୍ୟକ୍ରମରେ ଶ୍ରୋତାମାନେ ଗର୍ଭବତୀ ମହିଳା, ଶିଶୁଙ୍କୁ ସ୍ତନ୍ୟପାନ କରାଉଥିବା ମାଆ, ଯୁବତୀ ଏବଂ ଶିଶୁମାନଙ୍କ ପୋଷଣ ସଂପର୍କିତ ବିଭିନ୍ନ ପ୍ରଶ୍ନ ବିଶେଷଜ୍ଞଙ୍କୁ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

---